
ISSN: 2456-9194, Vol. II, Issue. IV, March 2019

ପ୍ରତ୍ୟୟ

(Journal of Odia Language, Culture and Science)

JournalHomepage:http://cphfs.in/research.php



# ନାଟକ 'କୋକୁଆ': ଏକ ଆକଳନ

**ଶୁଚିସ୍ମିତା ମହାରଣା**

ଗବେଷିକା, ସ୍ନାତକୋତ୍ତର ଓଡ଼ିଆ ଭାଷା-ସାହିତ୍ୟ ବିଭାଗ,

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର – ୭୫୧୦୦୪

E-mail: suchismita.moharana@gmail.com

***ସାରମର୍ମ :*** *ଉତ୍ତର ଆଧୁନିକ ନାଟ୍ୟକାର ଡକ୍ଟର ବିଜୟ କୁମାର ଶତପଥୀଙ୍କ ରଚନାର ଏକ ସ୍ରୋତ ହେଉଛି 'କୋକୁଆ'। ସାରଳା ମହାଭାରତରେ କୋକୁଆର ରୂପ ଆଜି ଅଦ୍ଭୁତ ଓ ଅତି କାଳ୍ପନିକ 'କୋକୁଆ' ପାଇଁ ପ୍ରାଚ୍ୟ ପୁରାଣ ସାରଳା ମହାଭାରତରେ ହୋଇଛି ପାତକ ବ୍ୟୁତ୍ପତି। ଉତ୍ତର ଆଧୁନିକ ନାଟକର କୋକୁଆ ବିସ୍ଥାପନର କାର୍ଯ୍ୟ ଓ କାରଣ ହୋଇଛି ଶିଳ୍ପ ଓ ଶିଳ୍ପପତିର ଦୌରାତ୍ମ୍ୟ। ତେଣୁ ମିଥ୍ ଛାୟାରେ 'କୋକୁଆ'ର ଭୟ ଉତ୍ତର ଆଧୁନିକତାରେ ଦେଖିବାକୁ ମିଳେ ।*

***ପ୍ରମୁଖ ଶବ୍ଦାବଳୀ :*** *କୋକୁଆ, ସାରଳା ମହାଭାରତ, ଶିଳ୍ପପତି, ବିସ୍ଥାପନ, ବିଭୀଷିକା, ପୁଞ୍ଜିପତି*

ଓଡ଼ିଆ ନାଟକର ନବନାଟ୍ୟଧାରାର ଜଣେ ସଫଳ ଅନୁଗାମ୍ୟ ତଥା ୧୯୮୦ ପରବର୍ତ୍ତୀ କାଳୀନ ଉତ୍ତର ଆଧୁନିକ ନାଟ୍ୟରୀତିର ଜଣେ କୃତବିଦ୍ୟ ନାଟ୍ୟକାର ଡଃ ବିଜୟ କୁମାର ଶତପଥୀ । ସମସାମୟିକ ନାଟ୍ୟକାରମାନଙ୍କ ମଧ୍ୟରେ ସେ ଜଣେ ଆଗଧାଡ଼ିରେ ନାଟ୍ୟକାର ନିଶ୍ଚୟ । ଆଧୁନିକତାର ପରମ୍ପରା ଓ ପୃଷ୍ଠଭୂମିରେ ଦଣ୍ଡାୟମାନ ହୋଇ ଉତ୍ତର ଆଧୁନିକତାରେ ଶାଣିତ ପୁରୋଦୃଷ୍ଟି ସେ ନିକ୍ଷେପ କରିଛନ୍ତି ତାଙ୍କ ନାଟ୍ୟକୃତିରେ । ଡକ୍ଟର ବିଜୟ କୁମାର ଶତପଥୀ କେବଳ ନାଟକ କ୍ଷେତ୍ରରେ ତାଙ୍କର ସିଦ୍ଧି ଓ ସାଧନା ରହିଛି କହିଲେ ଭୁଲ ହେବ; ସାହିତ୍ୟର ଅନ୍ୟାନ୍ୟ ବିଭାଗରେ ମଧ୍ୟ ଲେଖନୀଚାଳନା କରି ସେ ବିଶେଷ ଯଶର ଅଧିକାରୀ ହୋଇପାରିଛନ୍ତି। ବିଶେଷତଃ ଜଣେ ବିଶିଷ୍ଟ ସମାଲୋଚକ ଓ ନାଟ୍ୟକାର ଭାବରେ ସେ ବେଶ୍ ପ୍ରତିଷ୍ଠିତ ଓ ପ୍ରଶଂସିତ । ନାଟ୍ୟକାର ୧୯୭୨-୭୪ ମସିହାରୁ ନାଟକ ରଚନା କ୍ଷେତ୍ରରେ ମନୋନିବେଶ କରିଛନ୍ତି । ଉତ୍ତର ଆଧୁନିକ ନାଟ୍ୟଧାରାର ସଂସ୍ଥାପକ ଓ ଆନ୍ଦୋଳନର ପ୍ରମୁଖ ନାଟ୍ୟ ପୁରୋଧା ଭାବେ ଡ. ବିଜୟ ଶତପଥୀଙ୍କର ପ୍ରତ୍ୟେକଟି ନାଟକ ଦର୍ଶକ ଓ ପାଠକମାନଙ୍କ ପାଇଁ ନୂତନ ଆଶାର ସଂଚାର କରେ । ସୁଗଠିତ କଥାଭୂମି ଉପରେ ନାଟ୍ୟକାର ବିଜୟ ଶତପଥୀ ଯେଉଁ ନୂତନ ନାଟ୍ୟଶୈଳୀ ନିର୍ମାଣ କରନ୍ତି ତା'ର ଶିଳ୍ପରୀତି କେବଳ ପ୍ରଥାବଦ୍ଧତାକୁ ଅସ୍ୱୀକାର କରେ ନାହିଁ, ତାଙ୍କ ନାଟକଗୁଡ଼ିକ ମଧ୍ୟ ସ୍ୱତନ୍ତ୍ର ବକ୍ତବ୍ୟ ଓ ଶୈଳୀ ପାଠକ ଓ ଦର୍ଶକର ହୃଦୟକୁ ପ୍ଲାବିତ କରିବାର କ୍ଷମତା ନିହାରି ରହିଛି। ମିଥ୍ ଲୋକ ଉପାଦାନର ସାର୍ଥକ ପ୍ରୟୋଗରେ ସିଦ୍ଧହସ୍ତ। ଲୋକ ଉପାଦାନ ତଥା ଲୋକପ୍ରିୟ ଲୋକନାଟକଗୁଡ଼ିକର ନାନା ଉପାଦାନ ସହିତ ସୂତ୍ରଧାର ପରି ଚରିତ୍ରକୁ ଅବତାରଣ କରିଛନ୍ତି ତାଙ୍କ ନାଟକରେ । ଏହାଛଡ଼ା ନାଟକଗୁଡ଼ିକରେ ଶୋଷଣ, ଦୁର୍ନୀତି, ଭ୍ରଷ୍ଟାଚାର, ବିପର୍ଯ୍ୟସ୍ତ, ମୂଲ୍ୟବୋଧ, ଧନ୍ୟ-ଦରିଦ୍ରର ପାର୍ଥକ୍ୟ, ବ୍ୟକ୍ତି ଜୀବନର ବ୍ୟର୍ଥତା ଓ ହତାଶା ପ୍ରଭୃତିର ପ୍ରତିଫଳନ ସହ ସମାଜ ବିପ୍ଳବର ସ୍ୱର ଅନୁରଂଜିତ ହୋଇଛି । ଚମତ୍କାରୀ ଭାଷା ଓ ବିବିଧ ଭାବନାକୁ ନୂତନ ଭାବରେ ଜୀବନର ଅନୁଭବକୁ ରୂପାୟନ କରିବାର ସଫଳତା ଲାଭ କରିଛନ୍ତି । ଉଭୟ ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ନୂତନତାର ସ୍ପର୍ଶ ତାଙ୍କ ନାଟ୍ୟରୀତିର ଅନ୍ୟତମ ବିଭବ। ନାଟ୍ୟକାରଙ୍କ ଦୃଷ୍ଟିରେ ନାଟକ କେବଳ ମନୋରଂଜନର ମାଧ୍ୟମ ନୁହେଁ; ବରଂ ସମାଜ ପରିବର୍ତ୍ତନର ମାଧ୍ୟମ। ଏହା ନିଜ ନାଟକରେ ପ୍ରତିପାଦନ କରିଛନ୍ତି ।

ଜଣେ ସଫଳ ଏବଂ ଅଙ୍ଗୀକାରବଦ୍ଧ ସ୍ରଷ୍ଟା ଭାବରେ ଓଡ଼ିଆ ନାଟ୍ୟ ସାହିତ୍ୟକୁ ଡ. ବିଜୟ କୁମାର ଶତପଥୀଙ୍କ ଅବଦାନ ବେଶ୍ କିଛି । ତାଙ୍କର ନାଟକଗୁଡ଼ିକ ହେଉଛି 'ଫାସିଲର ନିଦ୍ରାଭଙ୍ଗ' (୧୯୭୨), 'ବିବର୍ଣ୍ଣ ସହର' (୧୯୭୪), 'କଂସର ଆତ୍ମା' (୧୯୭୮), 'କ୍ଷୁଧିତ ସରୀସୃପ' (୧୯୭୮), 'ବିଷାଦ ବୃତ୍ତର କାହାଣୀ' (୧୯୮୦), 'ଏଇ ଯେ ସୂର୍ଯ୍ୟ ଉଏଁ' (୧୯୮୩), 'କର୍ଣ୍ଣ' (୧୯୯୦), 'ଶୋଣିତ ସ୍ୱାକ୍ଷର' (୧୯୯୪), 'ମଙ୍ଗଳ ଅମଙ୍ଗଳ ଓ ବିଲ୍ୱମଙ୍ଗଳ' (୧୯୯୪), 'ପ୍ରଳୟ ପରେ' (୨୦୦୦), 'ନୀଳଶୈଳ', 'ତୃତୀୟ ପର୍ବ', 'ଲୁହାର ମଣିଷ', 'ଫୋନ୍ ଡାଏରୀ', 'କାରାଗାରର କାହାଣୀ', 'ପକା ପଇସା ଦେଖ୍ ତାମ୍ବା' (୨୦୦୫), 'ମାଫିଆ', 'ଏକ ପରାଜିତ ନାୟକର

ସ୍ୱର୍ଗୋତୋକ୍ତି', 'ନଷ୍ଟନୀଡ଼ର ଉପକଥା', ସୋସିଆଲ ଟ୍ରାଜେଡ଼ିର ତିନୋଟି ନାଟକ, ଓ ଅନ୍ୟାନ୍ୟ ନାଟିକା, ଜଣେ କୃଷକର ଆତ୍ମହତ୍ୟାକୁ ନେଇ ଅନ୍ଧାରର ବିଭିଷିକା, କଙ୍କଣ ଦାସୀ କଥା, କୋକୁଆ (୨୦୧୦) ପ୍ରଭୃତି ନାଟକରେ ରହିଛି ଦୃଢ ଅଙ୍ଗୀକାରବୋଧ ଓ ଜୀବନ ସତ୍ୟର ଉଚ୍ଚାରଣ । ଏହାବ୍ୟତୀତ ନାଟ୍ୟକାର ଅନେକ ଗଳ୍ପ ଓ ଉପନ୍ୟାସକୁ ନାଟ୍ୟରୂପ ଦେଇ ପାଠକ, ଦର୍ଶକ, ଶ୍ରୋତାମାନଙ୍କ ନିକଟରେ ସୁନ୍ଦର ସୁନ୍ଦର ନାଟକ ଉପହାର ଦେଇପାରିଛନ୍ତି । ତିନୋଟି ଲଘୁ ହାସ୍ୟରସର ନାଟକ ମଧ ରଚନା କରିଛନ୍ତି – 'ସୁନ୍ଦରୀ ପ୍ରତିଯୋଗିତା', 'କପିଧ୍ୱଜ ପ୍ରସଙ୍ଗ', 'ପତ୍ନୀ ନିର୍ଯ୍ୟାତନା ଭୋଗୀ ସଂଘ' । ତାଙ୍କର ପି.ଏଚ୍.ଡ଼ି.ର ଗେବଷଣା ସନ୍ଦର୍ଭ ପୁସ୍ତକଟି ହେଉଛି 'ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀଧାରା' । ନାଟ୍ୟକାର ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା, ପର୍ଯ୍ୟାଲୋଚନା କରି ଓଡ଼ିଆ ସମାଲୋଚନା ସାହିତ୍ୟକୁ ସେ ମଧ ସମୃଦ୍ଧ କରିଛନ୍ତି । 'କଲ୍ଲୋଳ ଓ ଚିନ୍ତାମଣି ଏକ ଦୃଷ୍ଟିପାତ', ସାରସ୍ୱତ ମୂଲ୍ୟାୟନ, ଔପନ୍ୟାସିକ ନିତ୍ୟାନନ୍ଦ, ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଧାରା, ପ୍ରଗତିବାଦୀ କାବ୍ୟ ଚେତନା, ସମାଲୋଚନା ଓ ପର୍ଯ୍ୟାଲୋଚନା, ରକ୍ତମାଟିର ସ୍ଥାପତ୍ୟ ଓ କାଳୀଚରଣଙ୍କ ନାଟ୍ୟ ଦୃଷ୍ଟି, ମୁଗ୍ଧ ଦୃଷ୍ଟିଭଙ୍ଗୀ ବିମୁଗ୍ଧ ବାଙ୍ମୟ, ଅନ୍ୱେଷା ଓ ଜିଜ୍ଞାସା ପ୍ରଭୃତି ତାଙ୍କର ସମୀକ୍ଷା ଗ୍ରନ୍ଥ । ନାଟ୍ୟକାର 'ଏଇ ଯେ ସୂର୍ଯ୍ୟ ଉଏଁ' ନାଟକ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇବା ସହିତ ଅନେକ ସଂସ୍ଥା ତରଫରୁ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି ।

ନାଟ୍ୟକାର ଅଧିକାଂଶ ନାଟକରେ ପୁରାଣଗଳ୍ପ ବା ମିଥ୍ କିମ୍ବଦନ୍ତୀକୁ ଅବଲମ୍ବନ କରି ଗଢ଼ି ତୋଳିଛନ୍ତି ଯେଉଁଥିରେ ପରମ୍ପରାର ଅନୁବର୍ତ୍ତନ ସହ ନୂତନ ମୂଲ୍ୟବୋଧର ସନ୍ଧାନ ରହିଛି। ଅତୀତ ଓ ବର୍ତ୍ତମାନ ଉଭୟକୁ ଯୋଡ଼ି ନିଜର ନାଟ୍ୟ ଉଦ୍ଦେଶ୍ୟ ଓ ବାର୍ତ୍ତାକୁ ଦର୍ଶକ/ପାଠକମାନଙ୍କ ପାଖରେ ପହଞ୍ଚାଇବାରେ ସଫଳତା ଲାଭ କରିଛନ୍ତି। ଆଧୁନିକ ସମୟର ପରମ୍ପରା, କିମ୍ବଦନ୍ତୀ, ପୁରାଣ ଆଦି କାହାଣୀ ଓ ଚରିତ୍ରକୁ ଉପଜୀବ୍ୟ କରି ଶ୍ରୀ ଶତପଥୀଙ୍କ ନାଟ୍ୟ ସାହିତ୍ୟ ବେଶ୍ ବୃଦ୍ଧ ହୋଇପାରିଛି ।

ଏହି ପରିସରରେ ନାଟ୍ୟକାରଙ୍କ ନାଟକ 'କୋକୁଆ'ଟିକୁ ଆଲୋଚନାର ଅନ୍ତର୍ଭୁକ୍ତ କରାଯାଇପାରେ । ନାଟକ 'କୋକୁଆ' ୨୦୧୦ ମସିହାରେ ପରିକଳ୍ପିତ ଓ ଉକ୍ତ ନାଟକଟିରେ 'ବିର୍ତ୍ତିକା' ପତ୍ରିକାରେ ସୁଯୋଗ୍ୟ ସଂପାଦକ ଡ. ନବକିଶୋର ମିଶ୍ର ପ୍ରଥମେ ପୂଜା ସଂଖ୍ୟାରେ ଛାପିଥିଲେ ୨୦୧୨ ମସିହାରେ । ଏହା ପରଠାରୁ ଓଡ଼ିଶାର ବିଭିନ୍ନ ସ୍ଥାନଳରେ ସଫଳତାର ସହ ଏକ ନାହିକ ମଞ୍ଚସ୍ଥ ହୋଇଛି । ତା' ମଧ୍ୟରୁ ସ୍ମରଣୀୟ ଗ୍ରୁପ୍ ଥିଏଟର ତ୍ରିନେତ୍ର ୨୦୧୩ରେ ରବୀନ୍ଦ୍ର ମଣ୍ଡପଠାରେ ୨୦୧୩ରେ ନିଖିଳ ଭାରତ ବହୁଭାଷା ନାଟକ ପ୍ରତିଯୋଗିତାରେ କଟକର କଳାବିକାଶ କେନ୍ଦ୍ରଠାରେ ଓ ୨୦୧୪ରେ ପଞ୍ଚପଟ୍ଟମାଳୀ ନାଟକ ମହୋତ୍ସବ, ଦାମଯୋଡ଼ିଠାରେ ଆୟୋଜିତ ହୋଇ ଦର୍ଶକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି । 'କୋକୁଆ' ଏକ ମିଥ୍ଧର୍ମୀ ନାଟକ । ଏହି ନାଟକରେ ନାଟ୍ୟକାର ପୁରାଣର କଥାବସ୍ତୁ ବା ଚରିତ୍ରକୁ ନବମୂଲ୍ୟାୟନ କରି ସମସାମୟିକ ସ୍ଥିତିକୁ ପରିପ୍ରକାଶ କରିଛନ୍ତି । ନାଟକ 'କୋକୁଆ'ରେ ସାରଳା ଦାସଙ୍କ 'ମହାଭାରତ'ରେ ବର୍ଣ୍ଣିତ କୋକୁଆ ଉପାଖ୍ୟାନ ହେଉଛି ସମାଜ ଜୀବନରେ ସୃଷ୍ଟ ସନ୍ଦେହ, ଅବିଶ୍ୱାସ, ହତ୍ୟା ଓ ବିଭିଷିକାର ପ୍ରତୀକାତ୍ମକ ଚିତ୍ର ଯାହା ଡାକିଆଣିଥିଲା ଏକ କଳାନ୍ତରକୁ । ନାଟ୍ୟକାର ନାଟକରେ ଲୋକକଥା କହିଛନ୍ତି । ଲୋକଙ୍କର ସମସ୍ୟାକୁ ନାଟକରେ ରୂପଦେବା ପାଇଁ ପୁରାଣରୁ ମିଥ୍ ସଂଗ୍ରହ କରିଛନ୍ତି । ପୁଞ୍ଜିବାଦ ବିରୋଧରେ ବିଦ୍ରୋହ ପୋଷଣ କରିଛନ୍ତି ସେ । ଯେଉଁ ଶିଳ୍ପାୟନ ଧ୍ୱଂସ କରୁଛି ପ୍ରକୃତିକୁ, ପାହାଡ଼କୁ, ଜଙ୍ଗଲ, ଝରଣାକୁ, ଉଜାଡୁଛି ସାଧାରଣ ଲୋକର ଭିଟାମାଟି, ବିସ୍ଥାପନ ସମସ୍ୟାକୁ କରିଛି ସଂଗୀନ୍, ତାକୁ ପ୍ରତ୍ୟାଖ୍ୟାନ କରିଛି ବିଂଶ ଶତାବ୍ଦୀର ଅଶୀଦଶକ।

"ଅନ୍ଧାର ଆସରେ ମାଡ଼ି
ଚଉଦିଗେ କାଳ ରଡ଼ି
ସବୁଯାଏ ଜଳିପୋଡ଼ି
କୋକୁଆ ଆସେରେ ମାଡ଼ି
କୋକୁଆ ... କୋକୁଆ ... କୋକୁଆ ... ।"

ନାଟ୍ୟକାର ଶୀର୍ଷକ ସଂଗୀତରେ 'କୋକୁଆ' ଶବ୍ଦଟି ପ୍ରୟୋଗ କରି ଦର୍ଶକ/ପାଠକଙ୍କୁ ସାରଳା ଦାସଙ୍କ ମହାଭାରତ 'କୋକୁଆ' କିମ୍ବଦନ୍ତୀଟି ମନେ ପକେଇଦେଇଛନ୍ତି । ସାରଳା ଦାସଙ୍କ ମହାଭାରତ 'କୋକୁଆ' ଭୟରେ ଯଦୁବଂଶ ଧ୍ୱଂସ ପାଇଯାଇଥିଲା । ଆଜି ସେମିତି ସାଂପ୍ରତିକ ସମାଜରେ ମାଡ଼ି ଆସିଛି ଶିଳ୍ପରୂପକ କୋକୁଆ ଆଦିବାସୀ ଧମାଗୁଡ଼ା ଅଞ୍ଚଳକୁ । ତେଣୁ ଏଥିରେ ମିଥ୍ର 'କୋକୁଆ' ପାଲଟିଯାଇଚି ଧ୍ୱଂସମୁଖୀ ସମାଜର ନଗ୍ନ ବାସ୍ତବତା । ନାଟ୍ୟକାର ଏଠି ଅତୀତ ଓ ବର୍ତ୍ତମାନର କୋକୁଆକୁ ଏକ ଚମତ୍କାର ପ୍ରତୀକ ଭାବରେ ଗ୍ରହଣ କରି ନାଟକର ନାମକରଣ ରଖିଛନ୍ତି 'କୋକୁଆ' । ଏହି ନାଟକରେ ମହାଭାରତର ଚରିତ୍ର 'କୋକୁଆ' ବା ସେହି ଘଟଣାର ପୁନର୍ବିନ୍ୟାସ ଘଟୁନାହିଁ ବରଂ ନାଟ୍ୟକାର କାହାଣୀର ପରିସର ମଧ୍ୟରେ କୌଶଳରେ ମହାଭାରତର କୋକୁଆକୁ କେନ୍ଦ୍ରକରି ନାଟ୍ୟକାହାଣୀର ଜାଲବିଞ୍ଚି ଦେଇଛନ୍ତି । ଏହି ନାଟକରେ ଆଦିବାସୀ ପଲ୍ଲୀ ଧମାଗୁଡ଼ା ହେଉଛି କେନ୍ଦ୍ରବିନ୍ଦୁ । ଧମାଗୁଡ଼ା ଗାଁ ଏକଦା ଯାହା ଥିଲା ନୈସର୍ଗିକ ପ୍ରକୃତିର ବାସସ୍ଥଳୀ ତାହା ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି, ମଲ୍ଟି ନ୍ୟାସନ୍ୟାଲ କମ୍ପାନୀ କାରଖାନା ବସିବା ଫଳରେ । ଶାଳଗଛରେ ଫୁଲନାଇଁ, ଝରଣାରେ ନିର୍ମଳ ଜଳ ନାଇଁ କି ଆଗପରି କରମ୍ ସ୍ଥାନୀୟ ପୂଜା ହେଉନି, ଖାଁ ଖାଁ ପଣ ଓ କୋକୁଆ ଭୟରେ ଲୀଳା ଚତୁର୍ଦ୍ଦିଗରେ ଭାସିଉଠିଛି ।

ପୁଞ୍ଜିବାଦର ଚରମ ବିକାଶ ଡାକି ଆଣିଛି ଏହି 'କୋକୁଆ'କୁ ପୁଞ୍ଜିର ଦଲାଲମାନେ ପରଦା ପଛରେ ରହି ଖେଳୁଛନ୍ତି ଷଡଯନ୍ତ୍ରର ଖେଳ । ଶିଳ୍ପାୟନ ପାଇଁ ଶାଳର ଜଙ୍ଗଲକୁ, ପାହାଡ଼କୁ, ଝରଣାକୁ ଉଜାଡ଼ିଦେବାକୁ ବସିଛନ୍ତି କିଛି ପୁଞ୍ଜିପତି । ଏମାନଙ୍କୁ ସହଯୋଗ କରୁଛନ୍ତି ଦୁର୍ନୀତିଗ୍ରସ୍ତ ନେତା, ରାଜନେତା ଓ ପୋଲିସ୍ । ଶାନ୍ତିପ୍ରିୟ ସରଳ ଆଦିବାସୀଙ୍କୁ ବିସ୍ଥାପିତ ହେବାକୁ ବାଧ କରାଯାଉଛି । ନିରୀହ ଆଦିବାସୀ ସେମାନଙ୍କ ଭିଟାମାଟି ଫେରେଇ ଦେବାପାଇଁ, ପାହାଡ଼, ଜଙ୍ଗଲ ଓ ଝରଣାର ସୁରକ୍ଷାପାଇଁ ଶିକ୍ଷିତ ଆଦିବାସୀ ଯୁବକ ହାତରେ ବନ୍ଧୁକ ଧରିଛି। ପୋଲିସବାହିନୀ ଓ ପ୍ରଶାସନ ସହିତ କେତେବେଳେ ଲଢ଼େଇ କରି ରକ୍ତର ଝରଣା ବୁହାଇଛନ୍ତି ଶାଳର ଜଙ୍ଗଲରେ, ଠିକ୍ ଯେମିତି ମହାଭାରତର 'କୋକୁଆ' ଉପାଖ୍ୟାନରେ କୋକୁଆକୁ ନିପାତ କରିବାକୁ ଆସି ନିଜ ନିଜ ଭିତରେ ହଣାକଟା ହୋଇ ଧ୍ୱଂସ ହୋଇଥିଲା ଯଦୁବଂଶର । ନିରୀହ ଗାଁଲୋକ ବିରୋଧ କରୁଛନ୍ତି, ହେଲେ ତାଙ୍କ

ଆର୍ତ୍ତଚିତ୍କାର କାହାରିକୁ ଶୁଣାଯାଉନି । ଫଳରେ ନିରୀହ ଆଦିବାସୀ ପୋଲିସ୍ ଗୁଳିରେ ଟଳିପଡୁଛନ୍ତି ।

ଶିଳ୍ପ, କାରଖାନା ପାଇଁ ଜୋର ଜବରଦସ୍ତ ଛଡ଼େଇ ନିଆଯାଇଛି ସରଳ ଆଦିବାସୀ ଜମି, ଭିଟାମାଟି । ପୋଲିସବାହିନୀ ଓ ସଂଗ୍ରାମୀଙ୍କ ମଧ୍ୟରେ ହେଉଥିବା ଭୟଙ୍କର ଲଢ଼େଇରେ ଅନେକ ନିରୀହ ଚିରଦିନ ଲାଗି ଶୋଇଯାଇଛନ୍ତି ମୃତ୍ୟୁ କୋଳରେ । ପୋଲିସ୍ ଗୁଳିରେ ପରିବାର ଧ୍ୱଂସ ହେବା ପରେ ପାଗଳ ହୋଇଯାଇଛନ୍ତି ଦାମ ପରି ନିରୀହ ଲୋକେ । ନାଟକର ଆରମ୍ଭରେ ସଂଳାପଟି ଦର୍ଶକର ହୃଦୟକୁ ସ୍ପର୍ଶ କରେ ।

ନକ୍ସଲ ଅପରେସନ୍ ଆରମ୍ଭ ହୋଇଛି ଧମାଗୁଡ଼ା ଗାଁରେ । ନକ୍ସଲ ଅଜୟ ମାରାଣ୍ଡି କ୍ଷତାକ୍ତ ହୋଇ ପହଞ୍ଚିଛି ଶ୍ୟାମାନନ୍ଦଙ୍କ ଆଶ୍ରମରେ । ଶ୍ୟାମାନନ୍ଦ ଓ ତାଙ୍କର ପାଳିତା କନ୍ୟା ମନିକା (ଯିଏ ଥିଲା ଜଣେ ଅସହାୟା ରିଫ୍ୟୁଜ୍ ଝିଅ) ଆଶ୍ରୟ ଦେଇଛନ୍ତି ଅଜୟ ମାରାଣ୍ଡିକୁ ତା'ର ଚିକିତ୍ସା ଦାୟିତ୍ୱ ମଧ୍ୟ ନେଇଛନ୍ତି । ଶ୍ୟାମନନ୍ଦ ଜଣେ ଭଲଲୋକ, ତାଙ୍କ ବିଚାରରେ ହିଂସା, ରକ୍ତପାତ ନୁହେଁ, ସ୍ନେହ, ପ୍ରେମ, ଶ୍ରଦ୍ଧା ବଳରେ ବଦଳେଇ ହେବ ସମାଜକୁ, ପୃଥିବୀକୁ । ସେଥିପାଇଁ ସେ ତାଙ୍କର ଆଶ୍ରମରେ ରିଫ୍ୟୁଜ୍ ଝିଅ ମନିକାକୁ ପାଳିଛନ୍ତି, ଅନାଥ ବାଳକ ଅତନୁକୁ ପାଠପଢ଼ାଇ ପୋଲିସ୍ ଇନ୍ସପେକ୍ଟର ହୋଇଛି, ଶିବୁ ପରି ଆଦିବାସୀ ପିଲାକୁ ପାଠପଢ଼େଇ ଶିକ୍ଷିତ କରିଛନ୍ତି । ଆଦିବାସୀ ନିରୀହ ଲୋକଙ୍କ ପାଇଁ ଈଶ୍ୱର ପାଲଟିଛନ୍ତି ଶ୍ୟାମନନ୍ଦ । ପୋଲିସ୍ ସହ ସଂଗ୍ରାମ କରି କ୍ଷତବିକ୍ଷତ ହେଉଥିବା ଅଜୟ ମାରାଣ୍ଡି ଭଳି ମାଓବାଦୀଙ୍କୁ ବି ସେବାବଳରେ ନୂଆ ଜୀବନ ଦେବା ସହ ତାଙ୍କର ରୂପାନ୍ତର କରିଛନ୍ତି ଶ୍ୟାମନନ୍ଦ । କିନ୍ତୁ ସତ୍ୟସିନ୍ଧ ଏଇ ଗାନ୍ଧିବାଦୀ ଶ୍ୟାମାନନ୍ଦ ଓ ତାଙ୍କ ଆଶ୍ରମକୁ ଟାର୍ଗେଟ୍ କରୁଛନ୍ତି ପୁଞ୍ଜିର ଦଲାଲମାନେ । ବିଧାୟକ ହରେକୃଷ୍ଣ ଗୌନ୍ତିଆ ଆଶ୍ରମ ବିରୋଧରେ ଆରମ୍ଭ କରିଛି ଭୟଙ୍କର ଷଡ଼ଯନ୍ତ୍ର । ଆଶ୍ରମରେ ଅଜୟ ମାରାଣ୍ଡି ପରି ମାଓବାଦୀ ଆଶ୍ରୟ ନେବା କଥା ପ୍ରଶାସନକୁ ସେ ଜଣେଇ ଦେଇଛି ଓ ଆଶ୍ରମକୁ ଧ୍ୱଂସ କରିବାକୁ ଆଗେଇଆସିଛି ଗୌନ୍ତିଆ ପ୍ରଶାସନର ସହାୟତାରେ । ସେପଟେ ଆଶ୍ରମରେ ଆଶ୍ରୟ ପାଇବା ଭିତରେ ପୋଲିସ୍ ଗୁଳିରେ ଆହତ ଅଜୟର ସେବା ଯତ୍ନକରି ତାକୁ ସୁସ୍ଥ କରୁଛି ମନିକା । ଉଭୟ ପ୍ରେମ ଡୋରୀରେ ବାନ୍ଧି ହୋଇଯାଇଛନ୍ତି । ମାଦଳର ତାଳେ ତାଳେ ଆଦିବାସୀ ଗୀତର ଲୟ ମଧ୍ୟରେ ଅଜୟ ଓ ମନିକା ଜୀବନ ଦୁଃଖଯନ୍ତ୍ରଣାକୁ ଭୁଲିଯାଇଛନ୍ତି । ଆରମ୍ଭ କରିଛନ୍ତି ନୂଆ ଜୀବନ । ଶ୍ୟାମାନନ୍ଦଙ୍କ ଆଦର୍ଶରେ ନିଜକୁ ଗଢିବାକୁ ଶପଥ ନେଇଛନ୍ତି । ସରଳ ଆଦିବାସୀଙ୍କ ଗୀତନାଚରେ ସଂଗ୍ରାମୀ ହୃଦୟରେ ସ୍ନେହ, ପ୍ରେମର ବନ୍ୟା ଆଣିପାରିଛି । ଯେଉଁ ଯୁବକ ଜଣକ ବନ୍ଧୁକ ଧରି ରକ୍ତପାତରେ ବୁଡ଼ି ରହୁଥିବା ଅଜୟ କଠୋର ହୃଦୟ, ସରଳ ଆଦିବାସୀ ଜୀବନର ଛନ୍ଦ ପାଖରେ ବନ୍ଧାପଡ଼ି ଯାଇଛି ।

ମନିକା : ଦେଖ ଅଜୟ, ରୋଷଣୀରେ ସେମାନେ ଗାଉଛନ୍ତି ଗୀତ .....

ଅଜୟ :(ଆବେଗ ପ୍ରବଣ ହୋଇ) ହଁ ମନିକା! ଅନେକ ଦିନ ହେଲା କ୍ୟାଡରରେ ରହି ଭୁଲିଯାଇଥିଲି ମକର ପରବ, ପୁଷପୁନୀ, ଗୀତନାଚ ସବୁ । ଆଜି ମନ ହଉଚି ନାଚିବାକୁ ... ମନଭରି ଉପଭୋଗ କରିବାକି ଜୀବନକୁ। ଶୁଣୁଚ, ଶଣୁଚ ମନିକା! ସେମାନଙ୍କ ଗୀତରେ କହୁଛନ୍ତି – ତଳେ ମାଟି ଉପରେ ଆକାଶ, ଝୋଲାରେ ନିର୍ମଳ ପାଣି । ତଳେ ଜୁହାର ଦେବତା ଆମକୁ ବର୍ଷା ଦେ, ଆମକୁ ଆଶୀର୍ବାଦ କର, ଆମର କେହି ଶତ୍ରୁ ନ ରହୁ ।(୧)

ଅଜୟର ସନ୍ତାନକୁ ଗର୍ଭରେ ଧରିଛି ମନିକା । ଅଜୟ ହିଂସାର ପଥଛାଡ଼ି ସାଧାରଣ ଜୀବନର ମାନସ୍ରୋତରେ ସାମିଲ ହେବାକୁ ଶପଥ ନେଇଛି । ହେଲେ ଅତୀତ ତା ଆଗରେ ଠିଆ ହୋଇଛି ପ୍ରାଚୀର ହୋଇ । ମାଓ ସଂଗଠନ ଅଜୟକୁ ଛାଡ଼ିବା ପାଇଁ ନାରାଜ । ଅଜୟ ଯଦି ସଂଗଠନକୁ ନଫେରେ ତେବେ ତାକୁ ଓ ଆଶ୍ରମକୁ ବୋମା ମାଡ଼କରି ଉଡ଼େଇଦେବାକୁ ଧମକ ଦେଇଛି ମାଓନେତା । ଶିବୁ ମାଝି ଓରଫ ସଦାଶିବ ରାଓ ।

ଗୋଟେ ପଟେ ପୋଲିସ୍‌ର ଡର ତ ଆରପେଟ ମାଓ ସଂଗଠନର ଧମକ ଛାତିରେ ପେଷି ହୋଇଛି ଅଜୟ ମାରାଣ୍ଡି । ମନିକାର ଗର୍ଭଯନ୍ତ୍ରଣା ହେବାରୁ ତାକୁ ହସ୍ପିଟାଲ ନେବାକୁ ଗଲାବେଳେ ଅଜୟକୁ ଘେରି ଯାଇଛନ୍ତି ପୋଲିସ୍ ଓ ମାଓବାଦୀମାନେ । ଅଜୟକୁ ନେବାପାଇଁ ଶିବୁ ଓ ପୋଲିସ୍ ଭିତରେ ଉଭୟଙ୍କର ଲଢ଼େଇ ହୋଇଛି । ମନିକାର ଯନ୍ତ୍ରଣାକ୍ଲିଷ୍ଟ ଚିତ୍କାର ଭିତରେ ଅଜୟ ବିଚଳିତ ହେଲେ ବି ନାଚାର ହୋଇପଡ଼ିଛି ମାଓବାଦୀ ଓ ପୋଲିସ୍ ପାଖରେ । ଅଜୟ ବିଚଳିତ ହୋଇ ଶିବୁକୁ ଗୁଳିରେ ମାରିଦେଇଛି । ଆଉ ଇନ୍ସପେକ୍ଟର ଅତୁଳ ଗୁଳିରେ ଟଳିପଡିଛି ନୂଆ ଜୀବନର ସେଇ ସହଜ ସରଳ ରାସ୍ତାକୁ ପାଇଥିବା ସଂଗ୍ରାମୀ ଅଜୟ ମାରାଣ୍ଡି ।

ଅଜୟ: (ସେଇ ଗୁଳିବଦ୍ଧ ଯନ୍ତ୍ରଣାରେ) ଆଃ ... ଆଃ ... ଏମାନେ ... ଏମାନେ କେହି ହେଲେ ମତେ ବଞ୍ôଚବାକୁ ଦେଲେନି ମନିକା ... ମୁଁ ଫେରିପାଇଥିବା ଜୀବନର ସେଇ ସହଜ ସରଳ ... ରାସ୍ତାକୁ ଏମାନେ ବନ୍ଦକରି ଦେଲେ ... ଆଃ ... ମୁଁ ... ମୁଁ ଦିନେ ନା ଦିନେ ଫେରିବି ... ଏ ଧମାଗୁଡ଼ା ଗାଁକୁ ... ଫେରିବି ... ମ ... ନି... କା (ଅଜୟର ମୃତ୍ୟୁ ହୋଇଛି) (୨)

ପୋଲିସ୍ ପ୍ରଶାସନର ବନ୍ଧୁକ ମୁନରେ ଧ୍ୱଂସ ହୋଇଛି ଆଶ୍ରମ । ଏଇ ଧ୍ୱଂସ ଓ ବିଭିଷିକାର ପଟ୍ଟଭୂମିରେ ଶୁଭିଛି କୁଆଁ କୁଆଁ ଡାକ । ଅଜୟର ସନ୍ତାନକୁ ଜନ୍ମ ଦେଇଛି ମନିକା । ଶ୍ୟାମନନ୍ଦ ଏ ବିଭିଷିକାରେ ଦେଖି ପାଗଳ ହୋଇପଡ଼ିଛନ୍ତି । ବାରମ୍ବାର ଅତୁନକୁ କହିଚାଲିଛନ୍ତି, ଆସ ... ଆସ ଏବେ ତ ସବୁ ଛାରକାର ହୋଇଗଲା ଆସ ... ଆସ ଅତନୁ ... ମୋତେ, ମୋନିକାକୁ ଆଉ ଜନ୍ମ ନେଇଥିବା ଶିଶୁଟିକୁ ଆରେଷ୍ଟ କର । କାରଣ ଏମାନେ ବି ତ ଟେରରିଷ୍ଟର ପତ୍ନୀ, ଶିଶୁ ...ଆରେଷ୍ଟ କର। ଅତନୁ ନିଜକୁ ବହୁତ ଧିକାର ମନେକରିଛି । ନିଜର ବିବେକ, ମଣିଷପଣିଆକୁ ସରକାର ନିକଟରେ ବନ୍ଧା ପକେଇଥିବାରୁ... ଶ୍ୟାମନନ୍ଦକୁ କିଛି କହିପାରିନି । ଆଶ୍ରମକୁ ଧ୍ୱଂସ ମୁହଁରୁ ରକ୍ଷା କରିପାରିନଥିବାରୁ ଚାକିରୀରୁ ଇସ୍ତଫା ଦେଇ ଅଗଣିତ ନିରୀହ ଲୋକଙ୍କ ସେବା କରି ଜୀବନର ମହାସ୍ରୋତରେ ସାମିଲ୍ ହେବାକୁ ଶପଥ ନେଇ ଚାଲିଯାଇଛି ଅତନୁ ।

ଶ୍ୟାମନନ୍ଦ ଏବେ କ'ଣ କରିବେ ସିଏ? ତାଙ୍କରି ଆଖି ଆଗରେ ଧ୍ୱଂସ ହୋଇଛି ହାତଗଢ଼ା ଆଶ୍ରମ, ହାତଗଢ଼ା ମଣିଷ ଅଜୟ ଓ ଶିବୁର ମୃତ୍ୟୁ ଶରୀର, ମନିକା କୋଳରେ ନବଜାତ ସନ୍ତାନ । ଅଜୟ ମାରାଣ୍ଡିର ରକ୍ତ ପ୍ରବାହିତ ତା ଦେହରେ । ତେବେ ଏଇ ରକ୍ତପାତ ଧ୍ୱଂସ ବିଭିଷିକାମୟ

ପରିବେଶରେ ଜନ୍ମ ନେଇଥିବା ଅଜୟ ମାରାଣ୍ଡିର ସନ୍ତାନ ଭବିଷ୍ୟତରେ କେଉଁ ପନ୍ଥାକୁ ଆପଣେଇ ନେବ?

ଶ୍ୟାମନନ୍ଦଙ୍କ ଆତଙ୍କ ... ଭୟ ... ବିଭିଷିକା ... ଅବିଶ୍ୱାସ ଚର୍ତୁଦିଗରେ ଝରଣାରେ ରକ୍ତର ସ୍ରୋତ, ପବନରେ ଚହଟି ଯାଇଛି ବିଷ ... ଏ ଶିଶୁ ଆପଣେଇବ କେଉଁ ପନ୍ଥା ଆଗାମୀ କାଳରେ ... ସ୍ନେହ, ପ୍ରେମ, ମମତା ନା ଧ୍ୱଂସ, ଆତଙ୍କ ବିଭିଷିକାର ପଥ?(୩)

ମାନସିକ ଭାରସାମ୍ୟହୀନ ଦାମ କିନ୍ତୁ ବିଶ୍ୱାସ କରୁଚି ତା'ପୁଅ ଶିବୁ ମରିଛି ବୋଲି । ଯେ ଯଦି ମୃତ୍ୟୁବରଣ କରିବ ତା'ହେଲେ କୋକୁଆକୁ ମାରିବ କିଏ? ତେଣୁ ତା'ର ଧାରଣା ହୋଇଛି ଶିବୁ ମରିନି, ଆଉ କିଏ ମରିଛି । ସେ କହିଛି –"ଇଏ ଶିବୁ କାହିଁକି ହବବା? .. ଇଏ ଆଉ କିଏ? ସେ ପରା କହିଥିଲା ଜଙ୍ଗଲ ଆଦିବାସୀର ହବ, ଜମି ଆଦିବାସୀର ହବ – ଝରଣା ପୁଣି କୁଳୁକୁଳୁ ହୋଇ ବୋହିବ ... ସିଏ .. ସିଏ କ'ଣ ଏମିତି ମରିପାରେ ? ନାଁ ନାଁ ଇଏ ସବୁ ସେଇ କୋକୁଆର କାମ ... ହଁ ... ହଁ ... କୋକୁଆ ... ଶିବୁ ଆମର କୋକୁଆକୁ ମାରିବ ... ନିଶ୍ଚୟ କୋକୁଆକୁ ମାରିବ ... ହଁ ।"(୪)

'କୋକୁଆ' ହେଉଛି ସମୂହ ମାନବିକତା ମଧ୍ୟରେ ସୃଷ୍ଟ ଆତଙ୍କ ଓ ବିଭିଷିକା । ସାରଳା ମହାଭାରତ 'କୋକୁଆ' ଉପାଖ୍ୟାନ ଆଧୁନିକ ଯୁଗର 'କୋକୁଆ' ସହ ସଂପୃକ୍ତ । ସାରଳା ମହାଭାରତର ମୂଷଳୀ ପର୍ବର ଦ୍ୱିତୀୟ ଅଧ୍ୟାୟରେ 'କୋକୁଆ' ଜୀବ ସ୍ୱରୂପର ଉନ୍ମୋଚନ ହୋଇଛି ।

> "ଯୋଜନେ ଯୋଜନେ ଭୁଜ ତା'ର ସପତଗୋଟି ଆଖି
> ଅନ୍ତରୀକ୍ଷେ ଉଡୁଥାଇ ଅଛଇ ତା'ର ନବପକ୍ଷ୍ୟ ।
> ଯୋଜନେ ଯୋଜନେ ତୁଣ୍ଡ ତା'ର ପାଞ୍ଚ ଯୋଜନ ଗର୍ଭ
> ତିରୀ ପୁରୁଷ ନ ଯାଇ ପଡିଲେ ରଖଇ ସର୍ବ ।

ସାରଳା ମହାଭାରତରେ ଭୟ, ଆତଙ୍କର ବାତାବରଣ ସୃଷ୍ଟିକାରଣ କୋକୁଆ ସାଂପ୍ରତିକ ସମାଜରେ ବି ସୃଷ୍ଟି କରୁଛି ରକ୍ତପାତ ଓ ହିଂସା । ତେଣୁ ମିଥ୍ର କୋକୁଆ ପାଲଟି ଯାଇଛି ଧ୍ୱଂସମୁଖ୍ୟ ସମାଜର ନଗ୍ନ ବାସ୍ତବତା ।

> "କାର୍ତ୍ତିକ କୃଷ୍ଣ ପକ୍ଷରେ ଅମାବାସ୍ୟା ଦିନ
> ସଉରିବାର ସ୍ୱାତୀ ଆଉ ଚାଷ ବିଦ୍ୟାବାନ ।
> X X X
> ରେ ରେ କାର ଶବଦେ ହୋଇଲେ ବାହାର
> ଗୋଡାବନ୍ତି ସମସ୍ତେ କୋକୁଆକୁ ମାର ମାର ।"

"ଦିନେ ଶନିବାର କୃଷ୍ଣପକ୍ଷ ଅମାବାସ୍ୟା ଦିନ ଯାଦବମାନେ ଆଶ୍ଚର୍ଯ୍ୟ ଭାବରେ କୋକୁଆର ସ୍ୱପ୍ନ ଦେଖିଲେ । ପରେ ପରେ ହାତରେ ଲଉଡି ଧରି ମାର୍ ମାର୍ ବୋଲି ଧାଇଁଲେ । କାଳିନ୍ଦୀହ୍ରଦ ନିକଟବର୍ତ୍ତୀ କଦମ୍ବଗଛ ପାଖରେ ମରାମରି ହେଲାବେଳେ ଶାମ୍ବର ଲଉଡି ଆଘାତରେ କଦମ୍ବଗଛରୁ କ୍ଷୀର ଝରିଲା ତାହା ପାନ କରି ଯାଦବମାନେ ଆହୁରି ମତୁଆଲା ହୋଇଗଲେ । ସେଇ କାଦମ୍ବରୀ ନିଶାରେ ପାରି ହୋଇ ପରସ୍ପର ମଧ୍ୟରେ ବାଡ଼ିଆବାଡି ହୋଇ ସମସ୍ତେ ମଲେ । ଯଦୁବଂଶର ନିପାତ ବେଳକୁ କୋକୁଆ ଭୟ ଯେପରି ମାଡ଼ିଆସିଥିଲା, ଆଜିର ସମାଜରେ ଜଗତୀକରଣ ଡାକିଆଣିଛି ସେହିପରି ପୁଞ୍ଜିପତି ରୂପକ କୋକୁଆକୁ। ଯିଏ ଗ୍ରାସ କରିଛି ସମଗ୍ର ସମାଜ ଜୀବନକୁ, ଯାହାର ଚହଟି ଯାଉଛି ପାଣି, ପବନରେ, ଆଉ ପ୍ରତି ମଣିଷ ମନରେ । ନାଟକରେ ଆଦିବାସୀ ଓ ଦଳିତଙ୍କ ପାଇଁ ନାଟ୍ୟକାରଙ୍କର ଏଇ ଦରଦୀ ମାନସିକତା ହିଁ 'କୋକୁଆ' ନାଟକଟିକୁ ଏକ ସଫଳ ନାଟକ ଭାବେ ପ୍ରତିପାଦନ କରିପାରିଛନ୍ତି।

## ସହାୟକ ଗ୍ରନ୍ଥସୂଚୀ

୧. ଶତପଥୀ, ବିଜୟ କୁମାର: କୋକୁଆ, ଅଗ୍ରଦୂତ, କଟକ, ୨୦୧୭
୨. ପଣ୍ଡା, ଜ୍ଞାନରଂଜନ: ବିଜୟ ଶତପଥୀଙ୍କ ନାଟ୍ୟଚିନ୍ତା, ଅଗ୍ରଦୂତ, କଟକ, ୨୦୧୪
୩. ଦାସ, ଡକ୍ଟର ହେମନ୍ତ କୁମାର : ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ, ପ୍ରକାଶକ, ବିଦ୍ୟାପୁରୀ, କଟକ, ପ୍ରଥମ ପ୍ରକାଶ, ଜାନୁଆରୀ, ୨୦୦୮
୪. ରଥ, ପ୍ରଦୀପ କୁମାର: ଆଧୁନିକବାଦ-ଉତ୍ତର ଆଧୁନିକବାଦ: ଏକ ତାତ୍ତ୍ୱିକ ଅନୁଶୀଳନ, ପ୍ରକାଶକ- କ୍ଷଣପ୍ରଭା ପ୍ରକାଶନୀ, କଟକ, ପ୍ରଥମ ସଂସ୍କରଣ, ଡିସେମ୍ବର ୨୦୧୩